# ଆଇଆଇଟିରେ ଖୋଲିବ ଜିଆଇଏଏନ୍ ପାଠ୍ୟକ୍ରମ

ଭୁବନେଶ୍ୱର,୬।୩(ଇମିସ): ଉଚ୍ଚଶିକ୍ଷା କ୍ଷେତ୍ରରେ ବୈଜ୍ଞାନିକ ଜ୍ଞାନକୌଶଳ ବୃଦ୍ଧି ଉଦ୍ଦେଶ୍ୟରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଗ୍ଲୋବାଲ ଇନ୍‌ସିଏଟିଭ୍ ଅଫ୍ ଏକାଡେମିକ ନେଟୱାର୍କସ୍ (ଜିଆଇଏଏନ୍) ପାଠ୍ୟକ୍ରମ ଆରମ୍ଭ ହେବ। ଯାହାଦ୍ୱାରା ଦେଶରେ ବର୍ତ୍ତମାନ ପ୍ରଚଳିତ ପାଠ୍ୟକ୍ରମର ଭିତ୍ତିଭୂମି ବିକାଶ ସହ ଗୁଣାତ୍ମକ ଶିକ୍ଷା ମାଧ୍ୟମରେ ଶିକ୍ଷାନୁଷ୍ଠାନଗୁଡ଼ିକୁ ବିଶ୍ୱସ୍ତରୀୟ କରାଯାଇପାରିବ। ଏହାକୁ ଦୃଷ୍ଟିରେ ରଖି ଭୁବନେଶ୍ୱର ଆଇଆଇଟିରେ ମଧ୍ୟ ଜିଆଇଏଏନ୍ ପାଠ୍ୟକ୍ରମ ଖୋଲିବାକୁ କର୍ତ୍ତୃପକ୍ଷ ନିଷ୍ପତ୍ତି ନେଇଛନ୍ତି।

ଜିଆଇଏଏନ୍ ସଂକ୍ଷିପ୍ତ ପାଠ୍ୟକ୍ରମ ରହିବ। ଏହା ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ସହ ଅଧ୍ୟାପକଙ୍କ ଭାବବିନିମୟ ଅନୁଷ୍ଠିତ ହେବ। ବିଶ୍ୱସ୍ତରର ପରିଚିତ ଶିକ୍ଷାବିତ୍‌ଙ୍କ ସମେତ ଶିଳ୍ପ ବିଶେଷଜ୍ଞମାନେ ଯୋଗଦେଇ ଅଧ୍ୟାପକମାନଙ୍କୁ ତାଲିମ ଦେବେ। କେଉଁ ସବୁ ବିଷୟରେ ତାଲିମ ଦିଆଯିବ ସେନେଇ ଭାରତୀୟ ଏବଂ ବିଦେଶୀ ଅଧ୍ୟାପକମାନେ ତାଲିକା ପ୍ରସ୍ତୁତ କରିଛନ୍ତି। ଏଥିରେ ୩୩୭ଟି ବିଷୟ ରହିଛି। ଯେଉଁଥିରେ ଆର୍କିଟେକଚର, ଡିଜାଇନ୍, ପ୍ଲାନିଂ ଆଣ୍ଡ ହେରିଟେଜ୍, କେମିକାଲ, ବାୟୋ-କେମିକାଲ, ୟାର୍ଥ ଆଣ୍ଡ ଏନ୍‌ଭର୍ନମେଣ୍ଟ ସାଇନ୍ସ, ଆଇନ, ଲାଇଫ୍ ସାଇନ୍ସ ଆଣ୍ଡ ହେଲଥ୍‌କେୟାର, ମ୍ୟାନେଜ୍‌ମେଣ୍ଟ, ଫିଜିକାଲ ସାଇନ୍ସ, ସୋସିଆଲ ସାଇନ୍ସ ପରି ବିଷୟ ରହିଛି। ୨୦୧୪ ଜୁନ୍ ୨୯ରେ ଆଇଆଇଟିଗୁଡ଼ିକ ଦ୍ୱାରା ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେଇ କେନ୍ଦ୍ର ମାନବସମ୍ବଳ ବିକାଶ ମନ୍ତ୍ରୀ ସ୍ମୃତି ଇରାନୀ ଏଦିଗରେ ଗୁରୁତ୍ୱ ଦେଇଥିଲେ। ଆଇଆଇଟି, ଆଇଆଇଏମ୍, ଆଇଜର ପରି ଶିକ୍ଷାନୁଷ୍ଠାନ ସମେତ ଦେଶରେ ଥିବା ଅନ୍ୟାନ୍ୟ ଶିକ୍ଷାନୁଷ୍ଠାନଗୁଡ଼ିକରେ ଅଧ୍ୟାପକଙ୍କ ପାଇଁ ବିକାଶ କାର୍ଯ୍ୟକ୍ରମ କରାଯିବାକୁ କହିଥିଲେ।

## ମେ’ ୧ରୁ ଜୁଲାଇ ୧୫ ପର୍ଯ୍ୟନ୍ତ ଗ୍ରୀଷ୍ମକାଳୀନ ଶିବିର

## ପିଏଚ୍‌ଡି ଏବଂ ଏମ୍.ଫିଲ୍ ନାମଲେଖା ପାଇଁ ବିଜ୍ଞପ୍ତି

ଅନ୍ୟପକ୍ଷରେ ସରକାରଙ୍କ ଅନୁଦାନ ପାଉଥିବା ଶିକ୍ଷାନୁଷ୍ଠାନର ଡିଗ୍ରି ଛାତ୍ରଛାତ୍ରୀଙ୍କ ପାଇଁ ଆଇଆଇଟି ପକ୍ଷରୁ ଗ୍ରୀଷ୍ମକାଳୀନ ଶିବିର କରାଯିବ। ଏଥିରେ ବେସିକ୍ ସାଇନ୍ସ, ୟାର୍ଥ, ଓସେନ୍ ଆଣ୍ଡ କ୍ଲାଇମେଟ୍ ସାଇନ୍ସ, ଇଲେକ୍ଟ୍ରିକାଲ ସାଇନ୍ସ, ଇନ୍‌ଫ୍ରାଷ୍ଟ୍ରକଚର, ମେକାନିକାଲ ସାଇନ୍ସ, ହ୍ୟୁମାନିଟିସ୍, ସୋସିଆଲ ସାଇନ୍ସ, ମ୍ୟାନେଜ୍‌ମେଣ୍ଟ ଆଣ୍ଡ ମିନେରାଲ୍ସ, ମେଟାଲୋଜିକାଲ ଆଣ୍ଡ ମ୍ୟାଟେରିଆଲ ଇଞ୍ଜିନିୟରିଂ ପାଠ୍ୟକ୍ରମରେ ଶିକ୍ଷା ଦିଆଯିବ। ଛାତ୍ରଛାତ୍ରୀମାନେ ଆଇଆଇଟି ଲାବରେଟୋରି ସୁବିଧା ପାଇପାରିବେ। ମେ’ ୧ରୁ ଜୁଲାଇ ୧୫ ତାରିଖ ପର୍ଯ୍ୟନ୍ତ ଏହି ଶିବିର ଜାରି ରହିବ। ଏଥିପାଇଁ ଫେବ୍ରୁଆରି ୧୦ରୁ ଆରମ୍ଭ ହୋଇଥିବା ଅନ୍‌ଲାଇନ୍ ଆବେଦନ ମାର୍ଚ୍ଚ ୩୧ରେ ଶେଷ ହେଉଛି।

ସେହିପରି ପିଏଚ୍‌ଡି ପାଠ୍ୟକ୍ରମରେ ନାମଲେଖା ପାଇଁ ମାର୍ଚ୍ଚ ୪ରୁ ଆବେଦନ ପକ୍ରିଆ ଆରମ୍ଭ ହୋଇଥିବାବେଳେ ଏପ୍ରିଲ ୩ରେ ଶେଷ ହେବ। ସ୍କୁଲ ଅଫ୍ ବେସିକ୍ ସାଇନ୍ସ, ସ୍କୁଲ ଅଫ୍ ୟାର୍ଥ, ଓସେନ୍ ଆଣ୍ଡ କ୍ଲାଇମେଟ୍ ସାଇନ୍ସ, ସ୍କୁଲ ଅଫ୍ ଇଲେକ୍ଟ୍ରିକାଲ ସାଇନ୍ସ, ସ୍କୁଲ ଅଫ୍ ହ୍ୟୁମାନିଟିସ୍, ସୋସିଆଲ ସାଇନ୍ସ ଆଣ୍ଡ ମ୍ୟାନେଜ୍‌ମେଣ୍ଟ, ସ୍କୁଲ ଅଫ୍ ଇନଫ୍ରାଷ୍ଟ୍ରକଚର(ସିଭିଲ ଇଞ୍ଜିନିୟରିଂ), ସ୍କୁଲ ଅଫ୍ ମେକାନିକାଲ ସାଇନ୍ସ ଏବଂ ସ୍କୁଲ ଅଫ୍ ମିନେରାଲ, ମେଟାଲୋଜିକାଲ ଆଣ୍ଡ ମାଟେରିଆଲ ଇଞ୍ଜିନିୟରିଂ ପାଠ୍ୟକ୍ରମରେ ନାମଲେଖା ଅନୁଷ୍ଠିତ ହେବ। ଏମ୍.ଟେକ୍ ପାଠ୍ୟକ୍ରମ ପାଇଁ ମଧ୍ୟ ମାର୍ଚ୍ଚ ୪ରୁ ଆବେଦନ ପକ୍ରିଆ ଆରମ୍ଭ ହୋଇଥିବାବେଳେ ଏପ୍ରିଲ ୩ ତାରିଖ ଶେଷ ହେବ। କ୍ଲାଇମେଟ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି, ଷ୍ଟ୍ରକଚରାଲ ଇଞ୍ଜିନିୟରିଂ, ଟ୍ରାନ୍ସପୋଟେସନ ଇଞ୍ଜିନିୟରିଂ, ଇଲୋକ୍ଟ୍ରୋନିକ୍ସ ଆଣ୍ଡ କମ୍ୟୁନିକେସନ ଇଞ୍ଜିନିୟରିଂ, ପାୱାର ସିଷ୍ଟମ ଇଞ୍ଜିନିୟରିଂ, ମାଟେରିଆଲ୍ସ ସାଇନ୍ସ ଆଣ୍ଡ ଇଞ୍ଜିନିୟରିଂ, ମେକାନିକାଲ ସିଷ୍ଟମ ଡିଜାଇନ୍, ଥରମାଲ ସାଇନ୍ସ ଆଣ୍ଡ ଇଞ୍ଜିନିୟରିଂ ବିଷୟରେ ଛାତ୍ରଛାତ୍ରୀ ନାମଲେଖାଇପାରିବେ। ଆଇଆଇଟି ୱେବସାଇଟ୍‌ରୁ ଛାତ୍ରଛାତ୍ରୀ ଏବିଷୟରେ ଅଧିକ ସୂଚନା ପାଇପାରିବେ।